# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**08th June - 2024**

**News Editor : *Itishree Singh Rathuar***

********************************

## ମୁଖ୍ୟ ସମ୍ବାଦ

- ତୃତୀୟ ଥର ପାଇଁ ନରେନ୍ଦ୍ର ମୋଦି ଦେଶର ପ୍ରଧାନମନ୍ତ୍ରୀ ଭାବେ ଆସନ୍ତାକାଲି ସନ୍ଧ୍ୟାରେ ନେବେ ଶପଥ ।

— ସମାରୋହରେ ଯୋଗଦେବା ପାଇଁ ପଡୋଶୀ ରାଷ୍ଟ୍ରମୁଖ୍ୟମାନଙ୍କର ନୂଆଦିଲ୍ଲୀ ଆଗମନ ।

- ରାଜ୍ୟରେ ନୂତନ ସରକାର ଆସନ୍ତା ୧୦ ତାରିଖ ସୋମବାର ଦିନ ନେବେ ଶପଥ ।
- ଶ୍ରୀଜିଉମାନଙ୍କର ରଥଯାତ୍ରାକୁ ଶୃଙ୍ଖଳିତ କରିବାପାଇଁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ସହ ଦଇତାପତି ନିଯୋଗ କମିଟିର ବୈଠକ ।
- ସମ୍ବଲପୁରର ଶୀତଳ ଷଷ୍ଠୀ ଯାତ୍ରା ପାଇଁ ଦେବ ନିମନ୍ତ୍ରଣ ସହିତ ଅନ୍ୟ ପାରମ୍ପରିକ ରୀତିନୀତି ଚାଲିଛି ।

ଏବଂ

- ଓଡ଼ିଶା ଛୁଇଁଲା ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ।

*GNR/Desk*

# ନୂଆ ସରକାର - ଶପଥ ଗ୍ରହଣ

ଜାତୀୟ ଗଣତାନ୍ତ୍ରିକ ମେଣ୍ଟ - ଏନ୍.ଡି.ଏ.ର ସଂସଦୀୟ ଦଳ ନେତା ନରେନ୍ଦ୍ର ମୋଦି ଆସନ୍ତାକାଲି ତୃତୀୟ ଥରପାଇଁ ଦେଶର ପ୍ରଧାନମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିବେ । ରାଷ୍ଟ୍ରପତି ଭବନରେ ଶପଥ ଗ୍ରହଣ ଉତ୍ସବ ଆସନ୍ତାକାଲି ସନ୍ଧ୍ୟା ୭ଟା ୧୫ ମିନିଟ୍‌ରେ ଅନୁଷ୍ଠିତ ହେବ । ଶପଥଗ୍ରହଣ ସମାରୋହରେ ଶ୍ରୀ ମୋଦୀ ଏବଂ କେନ୍ଦ୍ର ମନ୍ତ୍ରିମଣ୍ଡଳର ନୂତନ ସଦସ୍ୟଗଣଙ୍କୁ ରାଷ୍ଟ୍ରପତି ଶପଥ ପାଠ କରାଇବେ। କେନ୍ଦ୍ରରେ ନୂତନ ସରକାର ଗଠନ ପାଇଁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ’ ବରିଷ୍ଠ ବିଜେପି ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଗତକାଲି ଆମନ୍ତ୍ରଣ କରିଥିଲେ। ରାଷ୍ଟ୍ରପତିଙ୍କ ସହ ସାକ୍ଷାତ୍ ପରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ଗଣମାଧ୍ୟମକୁ କହିଛନ୍ତି, ଏନ୍.ଡି.ଏ. ଏକ ଶକ୍ତିଶାଳୀ, ସ୍ଥିର ଏବଂ ଅଭିବୃଦ୍ଧିମୁଖୀ ସରକାର ଗଠନ କରିବ । ଆସନ୍ତାକାଲି ଶପଥଗ୍ରହଣ ସମାରୋହ ପୂର୍ବରୁ ମନ୍ତ୍ରିମଣ୍ଡଳର ସଦସ୍ୟଙ୍କ ତାଲିକା ରାଷ୍ଟ୍ରପତିଙ୍କୁ ହସ୍ତାନ୍ତର କରାଯିବ ବୋଲି ଶ୍ରୀ ମୋଦି କହିଛନ୍ତି ।

ଶପଥ ଗ୍ରହଣ ସମାରୋହରେ ଯୋଗଦେବା ପାଇଁ ପଡ଼ୋଶୀ ଦେଶ ନେତାଙ୍କୁ ନିମନ୍ତ୍ରଣ କରାଯାଇଛି। ଏହିକ୍ରମରେ ଆଜି ବାଂଲାଦେଶର ପ୍ରଧାନମନ୍ତ୍ରୀ ଶେଖ ହାସିନା ନୂଆଦିଲ୍ଲୀରେ ପହଞ୍ଚିଛନ୍ତି । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି, ଶ୍ରୀଲଙ୍କା ରାଷ୍ଟ୍ରପତି ରାନିଲ୍ ବିକ୍ରମାସିଙ୍ଗେ, ମାଳଦ୍ୱୀପର ରାଷ୍ଟ୍ରପତି ଡକ୍ଟର ମହମ୍ମଦ ମୋଇଜ୍ଜୁ, ମରିସସ୍‌ର ପ୍ରଧାନମନ୍ତ୍ରୀ ପ୍ରବୀନ କୁମାର ଜୁଗନୌଥ, ନେପାଳର ପ୍ରଧାନମନ୍ତ୍ରୀ ପୁଷ୍ପକମଳ ଦହଲ,

ଭୁଟାନ୍‌ର ପ୍ରଧାନମନ୍ତ୍ରୀ ଶେରିଙ୍ଗ୍ ଟୋବ୍‌ଗେ ପ୍ରମୁଖ ଶପଥ ଗ୍ରହଣ ସମାରୋହରେ ଯୋଗଦେବେ ।

ବରିଷ୍ଠ ବି.ଜେ.ପି. ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗତ ସନ୍ଧ୍ୟାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସାକ୍ଷାତ୍ କରି ସରକାର ଗଠନ ନେଇ ଦାବି ଉପସ୍ଥାପନ କରିଥିଲେ। ପୂର୍ବରୁ ବି.ଜେ.ପି. ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କ ନେତୃତ୍ୱରେ ଏନ୍.ଡି.ଏ.ର ଏକ ପ୍ରତିନିଧି ଦଳ ରାଷ୍ଟ୍ରପତିଙ୍କୁ ସାକ୍ଷାତ୍ କରି ଏନ୍.ଡି.ଏ. ସଂସଦୀୟ ଦଳ ବୈଠକରେ ଶ୍ରୀ ମୋଦିଙ୍କୁ ସର୍ବସମ୍ମତିକ୍ରମେ ନେତା ଭାବେ ମନୋନୀତ ସଂକ୍ରାନ୍ତ ଚିଠି ପ୍ରଦାନ କରିଥିଲେ । ଏନ୍.ଡି.ଏ.ର ସହଯୋଗୀ ଦଳଗୁଡ଼ିକର ସମର୍ଥନ ପତ୍ର ମଧ୍ୟ ରାଷ୍ଟ୍ରପତିଙ୍କୁ ହସ୍ତାନ୍ତର କରାଯାଇଥିଲା ।

*Desl*

## ଆଞ୍ଚଳିକ ସମ୍ବାଦ

ପ୍ରଧାନମନ୍ତ୍ରୀଙ୍କର ଶପଥ ଗ୍ରହଣ ସମାରୋହକୁ ଆକାଶବାଣୀ କଟକ କେନ୍ଦ୍ର ପକ୍ଷରୁ ସନ୍ଧ୍ୟା ୬ଟା ୪୫ ମିନିଟ୍‌ରୁ ଓଡ଼ିଆ ଭାଷାରେ ସିଧା ପ୍ରସାରଣ କରାଯିବ । ଏହି କ୍ରମରେ ଆସନ୍ତାକାଲିର ସନ୍ଧ୍ୟା ଆଞ୍ଚଳିକ ସମ୍ବାଦ ୬ଟା ୪୫ ପରିବର୍ତ୍ତେ ସନ୍ଧ୍ୟା ସାଢ଼େ ୬ଟାରେ ପ୍ରସାରଣ କରାଯିବ ।

*Desk*

## ଶପଥଗ୍ରହଣ କାର୍ଯ୍ୟକ୍ରମ ପରିଚାଳନା

ରାଜ୍ୟରେ ନୂଆ ସରକାରଙ୍କ ଶପଥଗ୍ରହଣ କାର୍ଯ୍ୟକ୍ରମ ତଦାରଖ ପାଇଁ ୨ ଜଣ ବିଜେପି ନେତା ଭୁବନେଶ୍ୱରରେ ପହଞ୍ଚିଛନ୍ତି। ମଧ୍ୟପ୍ରଦେଶର ଗ୍ରାମ୍ୟଉନ୍ନୟନ ମନ୍ତ୍ରୀ ବିଶ୍ୱାସ କୈଳାସ ସାରଙ୍ଗ ଏବଂ ମଧ୍ୟପ୍ରଦେଶ ବିଜେପିର ପୂର୍ବତନ ସଂଗଠନ ମନ୍ତ୍ରୀ ଆଶୁତୋଷ ତିଓ୍ୱାରୀ ବିଜେପି ରାଜ୍ୟ କାର୍ଯ୍ୟାଳୟରେ ପହଞ୍ଚିଥିବା ଦଳୀୟ ସୂତ୍ରରୁ ଜଣାପଡିଛି। ଏହି ଦୁଇ ନେତା ଆସନ୍ତା ୧୦ ତାରିଖରେ ହେବାକୁ ଥିବା ଶପଥଗ୍ରହଣ କାର୍ଯ୍ୟକ୍ରମ ପରିଚାଳନା କରିବେ ବୋଲି ଜଣାପଡିଛି।

*HS*

## ଜନତା ମଇଦାନ

ରାଜ୍ୟର ନୂତନ ମୁଖ୍ୟମନ୍ତ୍ରୀ ଏବଂ ମନ୍ତ୍ରିମଣ୍ଡଳର ଶପଥ ଗ୍ରହଣ ଉତ୍ସବକୁ ଦୃଷ୍ଟିରେ ରଖି ଭୁବନେଶ୍ୱର ଜନତା ମଇଦାନରେ ଜୋରଦାର ପ୍ରସ୍ତୁତି ଚାଲିଛି । ଆଜି ଜନତା ମଇଦାନରେ ପୋଲିସ୍ କମିଶନର ସଂଜୀବ ପଣ୍ଡା ସୁରକ୍ଷା ବ୍ୟବସ୍ଥା ସମୀକ୍ଷା କରିଛନ୍ତି ।

*Desk*

## ପାଇଁଶାଣୀ - ବି.ଜେ.ପି.

ବି.ଜେ.ଡି.ର ବରିଷ୍ଠ ନେତା ପ୍ରସନ୍ନ କୁମାର ପାଇଁଶାଣୀ ଆଜି ବି.ଜେ.ପି.ରେ ଯୋଗ ଦେଇଛନ୍ତି । ସୂଚନା ଅନୁସାରେ, ଶ୍ରୀ ପାଇଁଶାଣୀ ୧୯୯୮ରୁ ୨୦୧୯ ପର୍ଯ୍ୟନ୍ତ ଭୁବନେଶ୍ୱର ଲୋକସଭା ଆସନରୁ ସାଂସଦ ଭାବେ ନିର୍ବାଚିତ ହୋଇଥିଲେ ।

*HS*

## ନିର୍ବାଚନ କମିଶନ - ନିଲମ୍ବନ ପ୍ରତ୍ୟାହାର

ସାଧାରଣ ନିର୍ବାଚନ ସମୟରେ ବିଶୃଙ୍ଖଳା ଅଭିଯୋଗରେ ନିଲମ୍ବିତ ହୋଇଥିବା ବରିଷ୍ଠ ପୁଲିସ୍ ଅଧିକାରୀ ଡି.ଏସ୍. କୁଟେଙ୍କ ନିଲମ୍ବନକୁ ନିର୍ବାଚନ କମିଶନ ସର୍ତ୍ତମୂଳକ ଭାବେ ପ୍ରତ୍ୟାହାର କରିଛନ୍ତି। ତେବେ ତାଙ୍କ ବିରୋଧରେ ବିଭାଗୀୟ ତଦନ୍ତ ଜାରି ରହିବ ବୋଲି ନିର୍ବାଚନ କମିଶନ୍ କହିଛନ୍ତି ।

ଏହାସହିତ ଅନ୍ୟ ବରିଷ୍ଠ ପୁଲିସ୍ ଅଧିକାରୀ ଆଶିଷ ସିଂଙ୍କ ବିରୋଧରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନେବାକୁ ମୁଖ୍ୟ ଶାସନ ସଚିବଙ୍କୁ ନିର୍ବାଚନ କମିଶନ କହିଛନ୍ତି ।

*Puri/R*

# ରଥଯାତ୍ରା - ପ୍ରସ୍ତୁତି ବୈଠକ

ଆଗାମୀ ବିଶ୍ୱପ୍ରସିଦ୍ଧ ରଥଯାତ୍ରାକୁ ଶୃଙ୍ଖଳିତ ଭାବେ ସମ୍ପନ୍ନ କରିବା ନିମନ୍ତେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଆଜି ଦଇତାପତି ନିଯୋଗ କମିଟିର ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଆଗାମୀ ୨୨ ତାରିଖ ଦିନ ଦେବସ୍ନାନ ପୂର୍ଣ୍ଣିମା ସହିତ ଜୁଲାଇ ୭ ତାରିଖ ଦିନ ରଥଯାତ୍ରା, ବାହୁଡ଼ା ଯାତ୍ରା, ସୁନାବେଶ ଓ ନୀଳାଦ୍ରି ବିଜେକୁ କିପରି ଶୃଙ୍ଖଳିତ ଭାବେ ସମ୍ପନ୍ନ କରାଯିବ, ସେନେଇ ଆଲୋଚନା ହୋଇଥିଲା । ଚଳିତ ବର୍ଷ ଗୋଟିଏ ଦିନରେ ନବଯୌବନ ଦର୍ଶନ ଓ ଘୋଷଯାତ୍ରା ପଡୁଥିବାରୁ ମହାପ୍ରଭୁଙ୍କ ସମସ୍ତ ନୀତି କିପରି ସୁରୁଖୁରୁରେ ସମ୍ପନ୍ନ ହେବ, ସେନେଇ ଆଲୋଚନା ହୋଇଥିଲା । ସେହିପରି ସ୍ନାନ ପୂର୍ଣ୍ଣିମାଠାରୁ ଅନବସରର ସମସ୍ତ ନୀତିକୁ ସୁଚାରୁରୂପେ କରିବାପାଇଁ ଦଇତାପତିମାନଙ୍କ ସହ ବୈଠକରେ ଆଲୋଚନା ହୋଇଥିଲା ।

*Desk*

# ଶୀତଳ ଷଷ୍ଠୀ

ସମ୍ବଲପୁରର ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରା ଆରମ୍ଭ ହୋଇଯାଇଛି। ନନ୍ଦପଡ଼ାର ବମ୍‌ବରାଡ ବାଲୁଙ୍କେଶ୍ୱର ବାବାଙ୍କର ଦେବ ନିମନ୍ତ୍ରଣ ଗତକାଲି

ସମ୍ପନ୍ନ ହୋଇଛି। ମହାଦେବ ଏବଂ ଜଗତ୍‌ଜନନୀଙ୍କ ବିବାହରେ ସାମିଲ ହେବା ପାଇଁ ଶ୍ରୀଶ୍ରୀ ନୃସିଂହଠାକୁର ୩୩ କୋଟି ଦେବଦେବୀଙ୍କୁ ନିମନ୍ତ୍ରଣ କରିଛନ୍ତି। ବାବା ବାଲୁଙ୍କେଶ୍ୱରଙ୍କ ପକ୍ଷରୁ ନୃସିଂହଦେବ ସହରରେ ଥିବା ସମସ୍ତ ଦେବାଦେବୀ ମନ୍ଦିରକୁ ଯାଇ ଗୁଆ, ମିଠେଇ, ହଳଦୀ ଓ ନିମନ୍ତ୍ରଣପତ୍ର ଦେଇଥିଲେ। ବାଲୁଙ୍କେଶ୍ୱର ବାବାଙ୍କ ବରଯାତ୍ରୀରେ ସାମିଲ ହେବାଠାରୁ ଆରମ୍ଭ କରି ନଗର ପରିକ୍ରମା ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟକ୍ରମରେ ଯୋଗଦେବା ସହିତ ନବ ବିବାହିତ ଦେବ ଦମ୍ପତ୍ତିଙ୍କୁ ଆଶୀର୍ବାଦ କରିବା ପାଇଁ ଭଗବାନ ନୃସିଂହ ଦେବଦେବୀଙ୍କୁ ନିମନ୍ତ୍ରଣ କରିଛନ୍ତି। ଲୋକନାଥ ବାବା, ଜାଗେଶ୍ୱର ବାବା, ଶୀତଳେଶ୍ୱର ବାବା ଓଁକାରେଶ୍ୱର ବାବା, ପାହାଡେଶ୍ୱର ବାବାଙ୍କ ପତରପେଣ୍ଡି କାର୍ଯ୍ୟକ୍ରମ ଆଜି ଅନୁଷ୍ଠିତ ହେବ। ମୋଦୀପଡା ଓ ଝାଡୁଆପଡାରେ ୯ ତାରିଖ ଦିନ ଦେବ ନିମନ୍ତ୍ରଣ କରାଯିବା ନେଇ କାର୍ଯ୍ୟସୂଚୀ ଧାର୍ଯ୍ୟ କରାଯାଇଛି। ଚଳିତମାସ ୧୦ ତାରିଖ ଦିନ ଶୀତଳଷଷ୍ଠୀ ଯାତ୍ରାର ମୁଖ୍ୟ ଆକର୍ଷଣ ଶିବ ବିବାହ, ୧୧ ତାରିଖ ଦିନ ନଗର ପରିକ୍ରମା ଏବଂ ୧୨ ତାରିଖ ଦିନ ଦେବ ଦମ୍ପତ୍ତିକଙ୍କର ମନ୍ଦିର ପ୍ରବେଶ କାର୍ଯ୍ୟକ୍ରମ ରହିଛି।

ବୌଦ୍ଧ ଜିଲ୍ଲାର ବିଭିନ୍ନ ଶୈବପୀଠଗୁଡ଼ିକରେ ଶୀତଳ ଷଷ୍ଠୀ ଯାତ୍ରା ପାଇଁ ବ୍ୟାପକ ପ୍ରସ୍ତୁତି ଚାଲିଛି । ଜିଲ୍ଲାର ମାତଙ୍ଗେଶ୍ୱର ମନ୍ଦିର ଓ ହରଭଙ୍ଗା ବ୍ଲକ୍‌ର ରାମଚନ୍ଦ୍ରପୁରସ୍ଥିତ ସୁବର୍ଣ୍ଣେଶ୍ୱର ମନ୍ଦିର କମିଟି ପକ୍ଷରୁ ପ୍ରସ୍ତୁତି ଜାରି ରହିଛି ।

*GNR*

# ଏନ୍.ଟି.ଏ. - ନିଟ୍

ସ୍ନାତକ ମେଡିକାଲ୍ ପାଠ୍ୟକ୍ରମ ଲାଗି ଉଦ୍ଦିଷ୍ଟ ଜାତୀୟ ଯୋଗ୍ୟତା ପ୍ରବେଶିକା ପରୀକ୍ଷା - ନିଟ୍ ୟୁ.ଜି.-୨୦୨୪ର ସମ୍ପୂର୍ଣ୍ଣ ପ୍ରକ୍ରିୟା ସ୍ୱଚ୍ଛତାର ସହ ସମ୍ପନ୍ନ ହୋଇଛି ବୋଲି ଜାତୀୟ ପରୀକ୍ଷଣ ସଂସ୍ଥା - ଏନ୍.ଟି.ଏ. କହିଛି । ଆଜି ନୂଆଦିଲ୍ଲୀରେ ଏ ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇ ଏନ୍.ଟି.ଏ.ର ମହାନିର୍ଦ୍ଦେଶକ ସୁବୋଧ କୁମାର ସିଂ କହିଛନ୍ତି, ଗତ ମେ ମାସ ୫ ତାରିକ ଦିନ ନିଟ୍ ପରୀକ୍ଷା ଅନୁଷ୍ଠିତ ହୋଇଥିଲା । ଏହାର ପରୀକ୍ଷାଫଳ ଗତ ୪ ତାରିଖ ଦିନ ପ୍ରକାଶ ପାଇଛି । ତେବେ ଏହି ପରୀକ୍ଷାରେ ବିଭିନ୍ନ ଅନିୟମିତତା ହୋଇଥିବା ସମ୍ପର୍କରେ ପରୀକ୍ଷାର୍ଥୀମାନଙ୍କଦ୍ୱାରା କରାଯାଇଥିବା ଅଭିଯୋଗକୁ ଶ୍ରୀ ସିଂହ ଖଣ୍ଡନ କରିଛନ୍ତି । ସେ କହିଛନ୍ତି, ଏହି ପରୀକ୍ଷାରେ କୌଣସି ପ୍ରକାର ପ୍ରଶ୍ନପତ୍ର ପ୍ରଘଟ ହୋଇଥିବା ଘଟଣା ଏନ୍.ଟି.ଏ.ର ହସ୍ତଗତ ହୋଇ ନାହିଁ ।

*Desk*

# ଶ୍ରୀମନ୍ଦିର ଆଲୋକୀକରଣ

ଶ୍ରୀମନ୍ଦିରରେ ଆଲୋକୀକରଣ ବନ୍ଦ ଘଟଣାରେ ୪ ଜଣଙ୍କୁ ଅଟକ ରଖାଯାଇ ପଚରାଉଚରା କରାଯାଉଛି। ଆଗାମୀ ଦିନରେ ସ୍ଥାୟୀଭାବେ ଯେଭଳି ଆଲୋକୀକରଣ କରାଯାଇପାରିବ ସେହି ଦିଗରେ ପଦକ୍ଷେପ ନିଆଯିବ ବୋଲି ପୁରୀ ଜିଲ୍ଲାପାଳ ସିଦ୍ଧାର୍ଥଶଙ୍କର ସ୍ୱାଇଁ କହିଛନ୍ତି। ସୂଚନାଯୋଗ୍ୟ, ଶ୍ରୀମନ୍ଦିରକୁ ଆଲୋକୀକରଣ କରୁଥିବା ଫୋକସ୍ ଲାଇଟ୍‌କୁ କାଢ଼ି ଦିଆଯିବାପରେ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ପୁରୀ ଜିଲ୍ଲାପାଳଙ୍କୁ ଘଟଣାର ଅନୁସନ୍ଧାନ କରି ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ଘଟଣାରେ କାର୍ଯ୍ୟକ୍ରମ ଆୟୋଜନ କରୁଥିବା ଇଭେଣ୍ଟ କମ୍ପାନୀ ୨ ଦିନ ତଳେ ଲାଇଟ୍ ଖୋଲିନେଇଥିବା ଜଣାପଡିଥିଲା। ଏହାକୁ ଭିତ୍ତିକରି ସମ୍ପୃକ୍ତ ଇଭେଣ୍ଟ କମ୍ପାନୀର ୪ ଜଣଙ୍କୁ ଅଟକ ରଖାଯାଇଛି। ଏହାଛଡ଼ା ଜିଲ୍ଲା ପ୍ରଶାସନ ପକ୍ଷରୁ ଲାଇଟ୍ ଲଗାଇବା ନେଇ ବ୍ୟବସ୍ଥା କରାଯାଇଛି।

*Desk*

# ଟୋଲ୍ ଟିକସ

ଦେଶରେ ଜାତୀୟ ରାଜପଥଗୁଡ଼ିକରେ ଯାନବାହାନଗୁଡ଼ିକରୁ ଉପଗ୍ରହ ଭିତ୍ତିକ ଟୋଲ ଟିକସ ସଂଗ୍ରହ କରାଯିବ। ସୂଚନା ଅନୁଯାୟୀ, ପ୍ରଥମ ପର୍ଯ୍ୟାୟରେ ବାଣିଜ୍ୟିକ ଯାନଗୁଡ଼ିକ କ୍ଷେତ୍ରରେ ଏହି ବ୍ୟବସ୍ଥା ଲାଗୁ ହେବ। ପରେ ଘରୋଇ କାର୍, ଜିପ୍ ଏବଂ ଅନ୍ୟାନ୍ୟ ଯାନ ପାଇଁ ଏହାକୁ ବ୍ୟବହାର କରାଯିବ।

*HS*

# ଓଡ଼ିଶା ଛୁଇଁଲା ମୌସୁମୀ

ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଓଡ଼ିଶା ଛୁଇଁଛି। ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ସୂଚନା ଅନୁଯାୟୀ, ସ୍ୱାଭାବିକ ସମୟର ୪ ଦିନ ପୂର୍ବରୁ ମୌସୁମୀ ବାୟୁ ଓଡ଼ିଶାରେ ପ୍ରବେଶ କରିଛି। ପ୍ରଥମେ ଏହା ମାଲକାନଗିରିରେ ପ୍ରବେଶ କରିଛି । ଏହାର ପ୍ରଭାବରେ ଜିଲ୍ଲାର ଅନେକ ଅଞ୍ଚଳରେ ବର୍ଷା ଲାଗି ରହିଛି। ସୂଚନା ଅନୁଯାୟୀ, ମୌସୁମୀ ବାୟୁ ଦକ୍ଷିଣ ମହାରାଷ୍ଟ୍ର, ତେଲେଙ୍ଗାନା, ଛତିଶଗଡ଼, ଦକ୍ଷିଣ ଓଡ଼ିଶାର କେତେକ ଅଞ୍ଚଳରେ ପ୍ରବେଶ କରିଛି।

ସୂଚନାଯୋଗ୍ୟ, ମଇ ୩୦ ତାରିଖରେ ଦକ୍ଷିଣ-ପଶ୍ଚିମ ମୌସୁମୀ କେରଳ ଛୁଇଁଥିଲା ।

ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁଯାୟୀ, ଆସନ୍ତା ୩ ଘଣ୍ଟା ମଧ୍ୟରେ କୋରାପୁଟ, ରାୟଗଡ଼ା, ଗଜପତି, ଗଞ୍ଜାମ ଓ କନ୍ଧମାଳ ଜିଲ୍ଲାର କେତେକ ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି ।

*****